# ପ୍ରାକୃତିକ କୃଷି
# NATURAL FARMING




ମୁଖ୍ୟ ସଂପାଦକ

**ଡଃ ସୂର୍ଯ୍ୟ ନାରାୟଣ ମିଶ୍ର**

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

ବିଷୟବସ୍ତୁ

**ଡଃ ତାପସ ରଞ୍ଜନ ସାହୁ**

ବୈଜ୍ଞାନିକ (କ୍ଷେତ୍ର ବିଜ୍ଞାନ)

**ପ୍ରଭଞ୍ଜନ ମିଶ୍ର**

ବୈଜ୍ଞାନିକ (ଉଦ୍ୟାନ ବିଜ୍ଞାନ)

**ପ୍ରଭାତ କୁମାର ସାହୁ**

କାର୍ଯ୍ୟକ୍ରମ ସହାୟକ (ମୃତ୍ତିକା ବିଜ୍ଞାନ)




**କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦ୍ରାପଡା**

**ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୦୩**

ICAR

# ପ୍ରାକୃତିକ କୃଷି





ମୁଖ୍ୟ ସଂପାଦକ

**ଡଃ ସୂର୍ଯ୍ୟ ନାରାୟଣ ମିଶ୍ର**

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

**ବିଷୟବସ୍ତୁ**

**ଡଃ ତାପସ ରଞ୍ଜନ ସାହୁ**

ବୈଜ୍ଞାନିକ (କ୍ଷେତ୍ର ବିଜ୍ଞାନ)

**ପ୍ରଭଞ୍ଜନ ମିଶ୍ର**

ବୈଜ୍ଞାନିକ (ଉଦ୍ୟାନ ବିଜ୍ଞାନ)

**ପ୍ରଭାତ କୁମାର ସାହୁ**

କାର୍ଯ୍ୟକ୍ରମ ସହାୟକ (ମୃତ୍ତିକା ବିଜ୍ଞାନ)



ଭାକୃଅନୁପ ICAR

କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦ୍ରାପଡା

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ପ୍ରାକୃତିକ କୃଷି

ମୁଖ୍ୟ ସଂପାଦକ :

**ଡଃ ସୂର୍ଯ୍ୟ ନାରାୟଣ ମିଶ୍ର**
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

ବିଷୟବସ୍ତୁ :

**ଡଃ ତାପସ ରଞ୍ଜନ ସାହୁ**
ବୈଜ୍ଞାନିକ (କ୍ଷେତ୍ର ବିଜ୍ଞାନ)

**ପ୍ରଭଞ୍ଜନ ମିଶ୍ର**
ବୈଜ୍ଞାନିକ (ଉଦ୍ୟାନ ବିଜ୍ଞାନ)

**ପ୍ରଭାତ କୁମାର ସାହୁ**
କାର୍ଯ୍ୟକ୍ରମ ସହାୟକ (ମୃତ୍ତିକା ବିଜ୍ଞାନ)

ପ୍ରକାଶକ :

**କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦ୍ରାପଡା**
ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର

ପ୍ରକାଶ କାଳ : ୨୦୨୨

Edited by :
**Dr. Surya Narayan Mishra**
Senior Scientist & Head
Written by :
**Dr. Tapas Ranjan Sahoo**
Scientist (Agronomy)
**Pravanjan Mishra**
Scientist (Horticulture)
**Prabhat Kumar Sahoo**
PA (Soil Science)

Published by :
**Krishi Vigyan Kendra, Kendrapara**
Odisha Univesity of Agriculture and Techonolgy, BBSR

Published Year : 2022

Designing & Printed by : Saikrupa Graphics, BBSR

# ପ୍ରାକୃତିକ କୃଷି

## ପ୍ରାକୃତିକ କୃଷିର ଗୁରୁତ୍ୱ :

ଅଧୁନା ମନୂଷ୍ୟ ସମାଜ ପ୍ରଗତିର ଦ୍ୱାହି ଦେଇ, ଶିଳ୍ପ, କୃଷି, ବାଣିଜ୍ୟ ଓ ପରିବହନ ଆଦି କ୍ଷେତ୍ରରେ ଆପଣଉଥିବା ଉନ୍ନତ ମାନର ବୈଷୟିକ ପଦ୍ଧତି ଓ ପଦାର୍ଥମାନଙ୍କ ଦ୍ୱାରା ମନୁଷ୍ୟ ସମାଜର ଅଗ୍ରଗତି ହେଉଅଛି ସତ୍ୟ, ମାତ୍ର ଏହାର ବହୁତ କୁପ୍ରଭାବ ମନୂଷ୍ୟ ର ସ୍ୱାସ୍ଥ୍ୟ ଓ ପରିବେଶ ର ସୁରକ୍ଷା ଉପରେ ପଡୁଅଛି । କୃଷି କ୍ଷେତ୍ରରେ ବ୍ୟବହୃତ ହେଉଥିବା ବହୁ ପରିମାଣର ରାସାୟନିକ ଦ୍ରବ୍ୟ ମାନଙ୍କ ଦ୍ୱାରା ଜଳ, ମୃତ୍ତିକା ଓ ବାୟୁ ପ୍ରଦୂଷଣ ହେବା ସହିତ ଜୈବ ମଣ୍ଡଳର ବିବଧତା ମଧ୍ୟ କ୍ଷୁର୍ଣ୍ଣ ହେଉଅଛି । ଏହା ଆମ ପାଇଁ ଏକ ସତର୍କତା ର ଘଣ୍ଟି ବଜାଇଛି । ଆମ୍ଭେମାନେ ଆଜିଠୁ ହିଁ ସଚେତନ ନହେଲେ ଏହାର ଭୟାବହ ପରିଣାମ ଆମକୁ ଜଳବାୟୁ ପରିବର୍ତ୍ତନର ସଂଜ୍ଞା ନେଇ ବିଭିନ୍ନ ପ୍ରକାରର ପ୍ରାକୃତିକ ଦୁର୍ବିପାକ ଓ ସ୍ୱାସ୍ଥ୍ୟଗତ ସମସ୍ୟା ରୂପରେ ଦେଖାଦେବ । ଏଣୁ ଆମ୍ଭେମାନେ କୃଷି କ୍ଷେତ୍ରରେ କିଭଳି କମ୍ ରାସାୟନିକ ଦ୍ରବ୍ୟ ବ୍ୟବହାର କରି, ବହୁଳ ଭାବେ ପ୍ରାକୃତିକ କୃଷିକୁ ଆପଣେଇ, ନିଜ ସ୍ୱାସ୍ଥ୍ୟ ତଥା ପରିବେଶ ସୁରକ୍ଷାକୁ ପ୍ରାଧାନ୍ୟ ଦେବା ପାଇଁ ଜନ ସଚେତନତା ସୃଷ୍ଟି କରିବା । ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟ ବିଭିନ୍ନ ଯୋଜନାମାନ କରି ପ୍ରାକୃତିକ କୃଷିକୁ ପ୍ରାଧାନ୍ୟ ଦେଉଛନ୍ତି । ଏକ ସୁସ୍ଥ, ସୁନ୍ଦର ଓ ପରିବେଶ ଉପଯୋଗୀ ସମାଜ ଗଠନ ପାଇଁ ପ୍ରାକୃତିକ କୃଷିର ବହୁତ ଗୁରୁତ୍ୱ ରହିଛି ।

## ପ୍ରାକୃତିକ କୃଷିର ସଂଜ୍ଞା :

ପ୍ରାକୃତିକ କୃଷି ହେଉଛି ଏକ ରାସାୟନିକ ମୁକ୍ତ ପାରମ୍ପରିକ କୃଷି ପଦ୍ଧତି ଯାହାକି କୃଷି ପରିବେଶ ସମ୍ବନ୍ଧୀୟ ବିବିଧୀକରଣ କୃଷି ପଦ୍ଧତି ଉପରେ ଗୁରୁତ୍ୱ ଦେଇ ଫସଲ, ବୃକ୍ଷ ଓ ଜୀବପାଳନ ମଧ୍ୟରେ ସମନ୍ୱୟ ରକ୍ଷା କରିଥାଏ । ଏହି କୃଷିରେ ପାରମ୍ପରିକ ଦେଶୀ ପଦ୍ଧତି କୁ ଗୁରୁତ୍ୱ ଦିଆଯିବା ସହ ବାହାରୁ କିଣାଯାଉଥିବା ଉପାଦାନ ଉପରେ କଟକଣା ଥାଏ । ନିଜ କ୍ଷେତରେ ନିଜେ ପ୍ରସ୍ତୁତ କରିପାରୁଥିବା ପଦାର୍ଥର ବ୍ୟବହାରକୁ ପ୍ରାକୃତିକ କୃଷିରେ ପ୍ରାଧାନ୍ୟ ଦିଆଯାଇଥାଏ । ବାହାରୁ କିଣା ଯାଉଥିବା ପଦାର୍ଥର ବ୍ୟବହାର ସମ୍ପୂର୍ଣ୍ଣ ରୂପେ ନିଷେଧ ଥିବାରୁ ପ୍ରାକୃତିକ କୃଷିକୁ କ୍ଷୁଦ୍ର କିମ୍ୱା ନାମମାତ୍ର ଚାଷୀମାନେ ମଧ୍ୟ ଆପଣେଇ ପାରିବେ । ପ୍ରାକୃତିକ କୃଷିରେ ଦେଶୀ ଗାଈର ଗୋବର ଓ ଗୋମୂତ୍ର ର ବ୍ୟବହାରକୁ ବହୁଳ ରୂପେ ଗୁରୁତ୍ୱ ଦିଆଯାଇଥାଏ । ମୃତ୍ତିକା ସ୍ୱାସ୍ଥ୍ୟ ରକ୍ଷା ସହ ପରିବେଶର ଗୁଣବତ୍ତା ରକ୍ଷା କରିବା ପ୍ରାକୃତିକ କୃଷିର ମୂଳ ଲକ୍ଷ୍ୟ ।

## ପ୍ରାକୃତିକ କୃଷି ବନାମ ଜୈବିକ କୃଷି :

ବହୁ ସମୟରେ ଆମ୍ଭେମାନେ ପ୍ରାକୃତିକ କୃଷି ଓ ଜୈବିକ କୃଷିକୁ ସମାନ ଭାବେ ବିବେଚିତ କରିଥାଉ । କାରଣ ଏହି ଦୁଇ କୃଷି ପଦ୍ଧତି ପ୍ରାୟ ସମାନ ଓ ଉଭୟ କ୍ଷେତ୍ରରେ ରାସାୟନିକ ପଦାର୍ଥ ର ବ୍ୟବହାରକୁ ବର୍ଜନ କରାଯାଇଛି । ମାତ୍ର ଏହି ଦୁଇ କୃଷି ପଦ୍ଧତିରେ ମଧ୍ୟ ପାର୍ଥକ୍ୟ ରହିଛି । ଜୈବିକ କୃଷିରେ ଆମ୍ଭେ ବାହାରେ ପ୍ରସ୍ତୁତ ପଦାର୍ଥ ଯଥା ଜିଆଖତ, ଖତ, ଜୀବାଣୁ ସାର ଆଦିକୁ ବ୍ୟବହାର କରିପାରିବା କିନ୍ତୁ ପ୍ରାକୃତିକ କୃଷିରେ ବାହାରେ ପ୍ରସ୍ତୁତ ହୋଇଥିବା କୌଣସି ବି ପଦାର୍ଥକୁ ବ୍ୟବହାର କରିବାରେ କଟକଣା ଥାଏ । ପ୍ରାକୃତିକ କୃଷିରେ ଆମେ ସାଧାରଣତଃ ଦେଶୀ ପାରମ୍ପାରିକ ବିହନ କିସମ ଗୁଡିକୁ ଗୁରୁତ୍ୱ ଦେଇଥାଉ ।

## ପ୍ରାକୃତିକ କୃଷି ର ମୂଳନୀତି :

- କୃଷି କ୍ଷେତ୍ରରେ ରାସାୟନିକ ପଦାର୍ଥ ଯଥା ସାର କିମ୍ବା କୀଟନାଶକ ର ବ୍ୟବହାର ନିଷେଧ
- ମାଟିରେ ଥିବା ଜୈବିକ ପଦାର୍ଥର ବିଘଟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଅଣୁଜୀବ ସଂଖ୍ୟା ବୃଦ୍ଧି କରିବା
- ଆଚ୍ଛାଦନ ମାଧ୍ୟମରେ ମାଟିରେ ଜଳୀୟ ଅଂଶ ସଂରକ୍ଷଣ କରିବା ସହ ଗଛ ବୃଦ୍ଧିରେ ସହାୟକ ହେଉଥିବା ମୃତ୍ତିକା ପରିବେଶ ସୃଷ୍ଟି କରିବା
- ମାଟିରେ ଥିବା ଅଣୁଜୀବ ଓ ଜିଆ ସଂଖ୍ୟା ବୃଦ୍ଧି କରିବା ପାଇଁ ଗୋବର ଓ ଗୋମୂତ୍ରରୁ ଅମ୍ଳୀଭବନ ପ୍ରକ୍ରିୟାରେ ଜୀବାମୃତ ଓ ବୀଜାମୃତ ଭଳି ପ୍ରଦାର୍ଥ ତିଆରି କରି ବ୍ୟବହାର କରିବା
- ଫସଲ ବିବିଧୀକରଣ ଯଥା ଅନ୍ତଃଫସଲ, ମିଶ୍ରିତ ଫସଲ ଆଦି ଉପରେ ଗୁରୁତ୍ୱ ଦେବା
- ସମ୍ବଳ ସଂରକ୍ଷଣ ସହିତ ସମ୍ବଳର ପୁନଃବ୍ୟବହାରକୁ ଗୁରୁତ୍ୱ ଦେବା
- ପରିବେଶର ଗୁଣବତ୍ତା ରକ୍ଷା ସହ ଜୈବବିବଧତା ରଖିବା

## ପ୍ରାକୃତିକ କୃଷିର ୪ ସ୍ତମ୍ଭ :

ପ୍ରାକୃତିକ କୃଷିର ମୁଖ୍ୟତଃ ୪ଟି ସ୍ତମ୍ଭ ରହିଛି । ସେଗୁଡିକ ହେଲା

୧. ଜୀବାମୃତ

୨. ବୀଜାମୃତ

୩. ଆଚ୍ଛାଦନ

୪. ଫପ୍‌ସା ବା ହାଲୁକା

**ଜୀବାମୃତ :**

ପ୍ରାକୃତିକ କୃଷି ର ୪ ଟି ସ୍ତମ୍ଭ ମଧ୍ୟରୁ ଜୀବାମୃତ ହେଉଛି ପ୍ରଥମ । ଏହାର ବ୍ୟବହାର ମାଟିର ଉତ୍ତମ ସ୍ୱାସ୍ଥ୍ୟ ବଜାୟ ରଖିବା ସଙ୍ଗେ ସଙ୍ଗେ ଗଛକୁ ମଧ୍ୟ ଦରକାରୀ ପୋଷକ ତତ୍ତ୍ୱ ଗୁଡିକ ପ୍ରଦାନ କରିଥାଏ । ଏଥିରେ ଉପକାରୀ ଅଣୁଜୀବ ଗୁଡିକ ଭରପୁର ହୋଇରହିଥାନ୍ତି ।

**ଆବଶ୍ୟକ ସାମଗ୍ରୀ :**

- ୧୦ କିଲୋଗ୍ରାମ୍ ଦେଶୀ ଗାଇ ଗୋବର
- ୧୦ ଲିଟର ଦେଶୀ ଗାଇର ମୂତ୍ର
- ୨ କିଲୋଗ୍ରାମ୍ ଗୁଡ
- ୨ କିଲୋଗ୍ରାମ୍ ବେସନ ବା ଯେକୌଣସି ଡାଲି ଗୁଣ୍ଡ
- ୧ କିଲୋଗ୍ରାମ୍ ବଗିଚା ମାଟି
- ୧୮୦ ଲିଟର ପାଣି

**ପ୍ରସ୍ତୁତ ପ୍ରଣାଳୀ –** ଏହାର ପ୍ରସ୍ତୁତ ପ୍ରଣାଳୀ ବହୁତ ସହଜ । ଯେକୌଣସି ବ୍ୟକ୍ତି ଏହାର ପ୍ରସ୍ତୁତ କରିପାରିବେ । ପ୍ରଥମେ ଗୋବରରେ ଗୋମୂତ୍ର ମିଶାଇ ତରଳ ମିଶ୍ରଣ ପ୍ରସ୍ତୁତ କରନ୍ତୁ । ଏହାକୁ ଏକ ପ୍ଲାଷ୍ଟିକ୍ ଡ୍ରମ୍‌ରେ (୨୦୦ ଲିଟର) ପକାଇ  ବାଡି ସାହାଯ୍ୟରେ ଭଲଭାବେ ଘାଣ୍ଟନ୍ତୁ । ଏଥିରେ ୨ କିଲୋଗ୍ରାମ ଗୂଡ, ୨ କିଲୋଗ୍ରାମ ବେସନ, ୧ କିଲୋଗ୍ରାମ ବଗିଚା ମାଟି ଓ ମିଶାଇ ୧୮୦ ଲିଟର ପାଣି ଭଲ ଭାବରେ ମିଶାଇ ଦେଇ ଆବଦ୍ଧ କରି ଛାଇରେ ୨ ରୁ ୩ ଦିନ ପର୍ଯ୍ୟନ୍ତ ଭଲ ଭାବେ ପଚିବା ପାଇଁ ରଖିଦିଅନ୍ତୁ । ପ୍ରତିଦିନ ସକାଳେ ଓ ସଂନ୍ଧ୍ୟାରେ ଜୀବାମୃତକୁ ବାଡି ସାହାଯ୍ୟରେ ଘାଣ୍ଟି ଭଲଭାବରେ ମିଶାଇ ଦିଅନ୍ତୁ ।

**ପ୍ରୟୋଗ ବିଧି :** ଜୀବାମୃତକୁ କ୍ଷେତରେ ପ୍ରୟୋଗ କଲେ ଜମିରେ ଜୀବାଣୁ ମାନଙ୍କ ସଂଖ୍ୟା ବୃଦ୍ଧି ହେବା ସହ ଅଣୁଜୀବ ମାନଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ଘଟିଥାଏ । ଭୂମିର ରାସାୟନିକ ଗୁଣ ଓ ଜୈବିକ ଗୁଣରେ ବୃଦ୍ଧି ହୋଇଥାଏ ।

ଜୀବାମୃତକୁ ସିଧାସଳଖ ଭାବେ ମାଟିରେ ଜଳସେଚନ କରିବା ସମୟରେ ପାଣିରେ ମିଶାଇ ପ୍ରୟୋଗ କରଯାଇପାରିବ । ମାସକୁ ଦୁଇଥର ଫସଲରେ ପ୍ରୟୋଗ କଲେ ଭଲ । ଯଦି ପତ୍ର ସିଞ୍ଚନ ମାଧ୍ୟମରେ ପ୍ରୟୋଗ କରାଯିବ, ତେବେ ୧ ଲିଟର ଜୀବାମୃତ ରେ ୯ ଲିଟର ପାଣି ମିଶାଇ ଦ୍ରବଣ ପ୍ରସ୍ତୁତ କରି ଭଲ କରି ଛାଣି ବ୍ୟବହାର କରାଯାଇପାରିବ ।

ଫଳ ବୃକ୍ଷ ହୋଇଥିଲେ, ବୃକ୍ଷ ଚାରିପଟେ ଗୋଲେଇ ମନ୍ଦା କରି ଏହି ମନ୍ଦାରେ ବୃକ୍ଷ ପ୍ରତି ଦୁଇ ଲିଟର ଜୀବାମୃତ ମାସକୁ ଦୁଇଥର ପ୍ରୟୋଗ କରନ୍ତୁ । ଏଥିପାଇଁ ଏକ ଏକର ପ୍ରତି ୨୦୦ ଲିଟର ଜୀବାମୃତ ଆବଶ୍ୟକ ପଡିଥାଏ ।

**ଘନଜୀବାମୃତ :** ଜୀବାମୃତର ଶୁଖାଯାଇଥିବା ସ୍ୱରୂପ ହେଉଛି ଘନ ଜୀବାମୃତ । ଏହାକୁ ଫସଲ ବୁଣିବା ପୂର୍ବରୁ ମାଟିରେ ମିଶାଯାଇଥାଏ । ଖରାରେ ଶୁଖାଯାଇଥିବା ୨୦୦ କିଲୋଗ୍ରାମ ଗୋବରରେ ୨୦ ଲିଟର ଜୀବାମୃତ ମିଶାଇ ୨ ଦିନ ଛାଇରେ ଶୁଖିବା ପାଇଁ ରଖାଯାଇଥାଏ । ତାପରେ ପୁଣି ଖରାରେ ଶୁଖାଇ ଦିଆଯାଇ ଭଲଭାବେ ଗୁଣ୍ଡ କରିଦିଆଯାଏ । ଏହି ଘନ ଜୀବାମୃତ କୁ ଆମେ ଏକ ଏକର ଜମିରେ ପ୍ରୟୋଗ କରିପାରିବା ।

**ବୀଜାମୃତ :** ବୀଜାମୃତ ମଞ୍ଜିକୁ କୀଟପତଙ୍ଗ ଓ ରୋଗ ଦାଉରୁ ରକ୍ଷା କରିବା ସହ ଏହାର ଅଙ୍କୁରୋଦଗମ କ୍ଷମତା ବୃଦ୍ଧି କରିଥାଏ ।

**ଆବଶ୍ୟକ ସାମଗ୍ରୀ :**

୫ କିଲୋଗ୍ରାମ ଦେଶୀ ଗାଈ ଗୋବର

୨ ଲିଟର ଗୋମୂତ୍ର

୨୦ ଲିଟର ପାଣି

୫୦୦ ଗ୍ରାମ୍ କ୍ୟାଲସିୟମ୍ କ୍ଲୋରାଇଡ କିମ୍ବା ଚୂନ

**ପ୍ରସ୍ତୁତି ପ୍ରଣାଳୀ :**

୫ କିଲୋଗ୍ରାମ ଗାଈ ଗୋବର କୁ ଏକ କପଡା ରେ ବାନ୍ଧି ୨୦ ଲିଟର ପାଣିଥିବା ଏକ ବାଲ୍‌ଟି ରେ ଗୋଟିଏ ରାତି ଝୁଲାଇ ରଖାଯାଏ । କପଡାଟିକୁ ଭଲଭାବେ ଚିପୁଡି ସେଥିରେ ୫୦ ଗ୍ରାମ୍ ଚୂନ କିମ୍ବା କ୍ୟାଲସିୟମ୍ କ୍ଲୋରାଇଡ୍ ପାଉଡର ସହ ୨ ଲିଟର ଗୋମୂତ୍ର ଭଲଭାବେ ମିଶାଇ ୨ ଦିନ ପଚିବା ପାଇଁ ରଖିଦିଆଯାଏ । ଏହାକୁ ବୀଜାମୃତ କୁହାଯାଏ ।

**ପ୍ରୟୋଗ ବିଧି :** ୨ ଲିଟର ବୀଜାମୃତ ରେ ୨ ରୁ ୩ କି.ଗ୍ରା ବିହନ ମିଶାଇ ବିହନ କୁ ୨ ରୁ ୩ ଘଣ୍ଟା ଭିଜାଇ ରଖି ତାକୁ ଛାଇରେ ଶୁଖାଇ ଜମିରେ ବୁଣାଯାଏ । ଡାଲିଜାତୀୟ ମଞ୍ଜି ଉପଚାର ପାଇଁ ଏଗୁଡିକୁ କେବଳ ବୀଜାମୃତ ରେ ବୁଡାଇ ଦେଇ କାଢିଦିଆଯାଏ ଏବଂ ଛାଇରେ ଶୁଖାଇ ଜମିରେ ବୁଣାଯାଏ ।

**ଆଚ୍ଛାଦନ :**

ଆଚ୍ଛାଦନ ପ୍ରାକୃତିକ କୃଷିର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ରକ୍ଷ ଜମିକୁ ଫସଲର ଅବଶେଷାଂଶ ବା ଅଳ୍ପ ଅବଧି ଅନ୍ତଃଫସଲ ଯେଉଁ ଫସଲ କି ସମ୍ପୂର୍ଣ୍ଣ ରୂପେ ମାଟିକୁ ଘୋଡାଇ ପାରୁଥିବ ତାହା ଦ୍ୱାରା ମାଟିକୁ ସମ୍ପୂର୍ଣ୍ଣ ରୂପେ ଆଚ୍ଛାଦିତ କରାଯାଇଥାଏ । ଏହାଦ୍ୱାରା ମାଟିରେ ଜଳୀୟଅଂଶର ସଂରକ୍ଷଣ ହୋଇ ଠିକ୍ ଭାବେ ଆର୍ଦ୍ରତା ବଜାୟ ରହିଥାଏ । ଆଚ୍ଛାଦନ ଦ୍ୱାରା ଅନାବନା ଘାସର ପ୍ରାଦୁର୍ଭାବ ମଧ୍ୟ କମ୍ ହେବା ସହିତ ମୃତ୍ତିକା ବାୟୁମଣ୍ଡଳରେ ସଠିକ୍ ତାପମାତ୍ରା ରହିଥାଏ । ଫସଲ ଅବଶେଷାଂଶ ଦ୍ୱାରା ଆଚ୍ଛାଦନ କରାଗଲେ, ସମୟକ୍ରମେ ସେଗୁଡିକ ମାଟିରେ ମିଶି ମାଟିର ଜୈବିକ ଅଂଶ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ମାଟିର ଅଣୁଜୀବ ମାନଙ୍କର କାର୍ଯ୍ୟଦକ୍ଷତା ମଧ୍ୟ ବୃଦ୍ଧି ଘଟାଇଥାଏ । ଆଚ୍ଛାଦନ ଦ୍ୱାରା ଗଛର ବୃଦ୍ଧି ପାଇଁ ଏକ ଉତ୍ତମ ପରିବେଶ ଗଛର ଚେର ମୂଳରେ ସୃଷ୍ଟି ହୋଇଥାଏ ।

**ଫପ୍‌ସା ବା ହାଲୁକା :**

ପ୍ରାକୃତିକ କୃଷିରେ ମାଟିକୁ ଫପ୍‌ସା କରିବାର ଉପାୟ ମଧ୍ୟ ଗୁରୁତ୍ୱ ପୂର୍ଣ୍ଣ । ଆମ୍ଭେମାନେ ଜାଣିଛେ ଯେ ଗଛର ଚେର ମାଟିରୁ ବାଷ୍ପ ଆକାରରେ ଜଳୀୟଅଂଶ ଗ୍ରହଣ କରିଥାଏ । ମାଟି ଫପ୍‌ସା ସୃଷ୍ଟି ଦ୍ୱାରା ଭୂମିରେ ଆଦ୍ରତା ବାୟୁର ସନ୍ତୁଳନ ବରାବର ରଖାଯାଇଥାଏ । ମାଟିକୁ ଫାପ୍‌ସା କରିବା ଅର୍ଥ ମାଟିକୁ ହାଲୁକା କରିବା କିମ୍ବା ମାଟିରେ ବାୟୁଚଳାଚଳ ର ମାତ୍ରା ସଠିକ୍ ରଖିବା । ମାଟିର ସ୍ଥୁଳ ସାନ୍ଦ୍ରତା (Bulk Density) ମଧ୍ୟ କମାଇପାରିଲେ ମାଟି ହାଲୁକା ହୋଇଥାଏ । ଆମେ ମାଟିରେ ଜୈବିକ ଅଂଶ ବଢାଇଲେ ମାଟି ଫପ୍‌ସା ହେବା ସହ ଉଭୟ ଜଳ ଓ ବାୟୁ ର ଆନୁପାତ ସଠିକ୍ ରହି ଚେରକୁ ଠିକ୍ ଭାବେ ଜଳୀୟଅଂଶ ମିଳିଥାଏ ଓ ସଠିକ୍ ଭାବେ ବୃଦ୍ଧି ଘଟିଥାଏ ।

ଏହି ୪ ଟି ସ୍ତମ୍ଭ ଛଡା ପ୍ରାକୃତିକ କୃଷିରେ ଆହୁରି ଅନେକ ପଦ୍ଧତି ଉପରେ ଧ୍ୟାନ ଦିଆଯାଇଥାଏ । ସେଥିମଧ୍ୟରୁ ଅନ୍ତଃଫସଲ ଅନ୍ୟତମ । ଗୋଟିଏ ଫସଲ କରିବା ପରିବର୍ତ୍ତେ ଆମେ ଯଦି ଏକ ରୁ ଅଧିକ ଫସଲ ଅନ୍ତଃଫସଲ ରୂପେ ନେବା, ତେବେ ପ୍ରାକୃତିକ କୃଷିରେ ଲାଭବାନ ହୋଇପାରିବା । ଭିନ୍ନ ଭିନ୍ନ ଉଚ୍ଚତା ଓ ଭିନ୍ନ ଭିନ୍ନ ଚେରର ଗଭୀର ଥିବା ଫସଲ ଗୁଡିକୁ ଅନ୍ତଃଫସଲ ହିସାବରେ ନେଲେ ଗଛ ବୃଦ୍ଧିରେ ସହାୟକ ହେଉଥିବା ଉପାଦାନ ଯଥା ଜଳ, ଆଲୋକ ଓ ପୋଷକ ତତ୍ତ୍ୱ ଆଦି ପାଇଁ ଆଉ ପ୍ରତିଯୋଗିତା ଫସଲ ଫସଲ ମଧ୍ୟରେ ହୋଇନଥାଏ । ଅନ୍ତଃଫସଲ ଚୟନ କରିବା ସମୟରେ ଏକ ଡାଲିଜାତୀୟ ଫସଲ ନେଲେ ମାଟିର ଉର୍ବରତା ବଢିବା ସହ ଏହା ଏକ ଆଚ୍ଛାଦନ ଫସଲ ଭାବେ ବ୍ୟବହାର

ହୋଇପାରେ । ଅନ୍ତଃଫସଲ କରିବା ଦ୍ୱାରା ଜୈବ ବିବଧତା ବୃଦ୍ଧି ଘଟିବା ସହ ରୋଗ ପୋକର ପ୍ରାଦୁର୍ଭାବ କମିଯାଏ ।

ପ୍ରାକୃତିକ କୃଷିରେ ଫସଲର ରୋଗ ପୋକ ଦାଉରୁ ରକ୍ଷା ପାଇବା ପାଇଁ ବହୁତ ଗୁଡିଏ ତରଳ ପଦାର୍ଥ ମଧ୍ୟ ପ୍ରସ୍ତୁତ କରଯାଇଥାଏ । ସେଗୁଡିକ ହେଲା

**ନିମାସ୍ତ୍ର –** ୫ କିଲୋଗ୍ରାମ୍ ନିମ୍ବ ପତ୍ରକୁ ପାଣିରେ ମିଶାଇ ଛେଚି ଦିଆଯାଏ ଓ ସେଥିରେ ୫ ଲିଟର ଗୋମୂତ୍ର ଓ ୨ କିଲୋଗ୍ରାମ ଗାଈ ଗୋବରକୁ ମିଶାଇ ୨୪ ଘଣ୍ଟା ପର୍ଯ୍ୟନ୍ତ ପଚିବା ପାଇଁ ଛାଡି ଦିଆଯାଇଥାଏ । ଭଲଭାବେ ପଚିଗଲା ପରେ ଏକ ସୂତା କପଡା ରେ ଏହାକୁ ଛାଣି ଏହାର ରସକୁ ଚିପୁଡି ବାହାର କରାଯାଏ । ଏହି ରସଗୁଡିକୁ ୧୦୦ ଲିଟର ପାଣିରେ ମିଶାଇ ଏକ ଏକର ଜମିରେ ସିଞ୍ଚନ କରାଗଲେ ଏହା ଶୋଷକ କୀଟ ଦମନ କରିବା ସହ ଦହିଆ ପୋକକୁ ମଧ୍ୟ ନିୟନ୍ତ୍ରଣ କରିଥାଏ ।

**ବ୍ରହ୍ମାସ୍ତ୍ର –** ୩ କିଲୋଗ୍ରାମ୍ ନିମ୍ବପତ୍ର କୁ ଛେଚି ୧୦ ଲିଟର ଗୋମୂତ୍ରରେ ମିଶାଯାଏ । ଅନ୍ୟ ଏକ ପାତ୍ରରେ ଆତ ପତ୍ର, ଅମୃତଭଣ୍ଡା ପତ୍ର, ଡାଳିମ୍ବ ପତ୍ର ଓ ପିଜୁଳି ପତ୍ରକୁ ପ୍ରତ୍ୟକରୁ ୨ କିଲୋଗ୍ରାମ ଲେଖାଏଁ ଛେଚି ପାଣିରେ ମିଶାଯାଏ । ଏହାପରେ ଦୁଇଟି ଯାକ ଦ୍ରବଣକୁ ମିଶାଯାଇ କିଛି ସମୟ ଅନ୍ତରରେ ୫ ଥର ସିଝାଯାଏ । ଏହା ସେ ପର୍ଯ୍ୟନ୍ତ ସିଝାଯିବ, ଯେ ପର୍ଯ୍ୟନ୍ତ ଅନ୍ତିମ ପରିମାଣ ସମଗ୍ର ଦ୍ରବଣର ଅଧା ହୋଇଯିବ । ଏହି ଦ୍ରବଣ କୁ ୨୪ ଘଣ୍ଟା ପାଇଁ ରଖାଯାଏ । ଏହା ପରେ ଏହି ଦ୍ରବଣ କୁ ଛାଣି ସେଥିରୁ ରସ ବାହାର କରାଯାଏ । ଏହି ରସକୁ ୬ ମାସ ପର୍ଯ୍ୟନ୍ତ ସାଇତି ରଖାଯାଇପାରିବ । ୨ ଲିଟର ବ୍ରହ୍ମାସ୍ତ୍ରକୁ ୧୦୦ ଲିଟର ପାଣିରେ ମିଶାଇ ଏକ ଏକର ଜମିରେ ସିଞ୍ଚନ କରାଯାଏ । ଏହା ଫଳବିନ୍ଧା, ଛୁଇଁ ବିନ୍ଧା, କାଣ୍ଡ ବିନ୍ଧା ଓ ଶୋଷକ କୀଟ ମାନଙ୍କ ନିୟନ୍ତ୍ରଣ ପାଇଁ ବହୁତ ଉପଯୋଗୀ ।

**ଦଶପର୍ଣ୍ଣୀ (ପତ୍ର) ଅର୍କ :**

ନିମ୍ବପତ୍ର ୫କି.ଗ୍ରା. ଏବଂ ବେଗୁନିଆ ପତ୍ର, ସୁଗନ୍ଧା ବା ଇଶରମୂଳ ପତ୍ର, ଅମୃତଭଣ୍ଡା ପତ୍ର, ଗୁଳୁଚି ପତ୍ର, ଆତ ପତ୍ର, କରଞ୍ଜ ପତ୍ର, ଜଡା ପତ୍ର, କରବୀର ପତ୍ର ଓ ଅରଖ ପତ୍ର ପ୍ରତ୍ୟକରୁ ୨ କି.ଗ୍ରା. ଛେଚି ଏକ ପ୍ଲାଷ୍ଟିକ ଡ୍ରମରେ ରଖାଯାଏ । ଏଥିରେ ୨ କି.ଗ୍ରା. କଞ୍ଚାଲଙ୍କା, ୨୫୦ ଗ୍ରାମ୍ ରସୁଣ କୁ ଛେଚି ମିଶାଇ ଦିଆଯାଏ । ଶେଷରେ ଏଥିରେ ୩ କି.ଗ୍ରା. ଗାଈ ଗୋବର, ୫ ଲିଟର ଗୋମୂତ୍ର ଓ ୨୦୦ ଲିଟର ପାଣି ଦେଇ ଏକ ମାସ ପର୍ଯ୍ୟନ୍ତ ପଚିବା ପାଇଁ ଛାଇରେ ରଖାଯାଏ । ଏହାକୁ ଦିନକୁ ତିନିଥର ଏକ ବାଡି ସାହାଯ୍ୟରେ ଘଣ୍ଟାଯାଏ । ମାସେ ପରେ

ଏହାକୁ ସୂତା କପଡାରେ ଛାଣି ଏକ ଏକର ଜମିରେ ପ୍ରୟୋଗ କରାଗଲେ ବିଭିନ୍ନ ପ୍ରକାରର ପୋକ ଙ୍କ ଦାଉକୁ ରକ୍ଷା ମିଳିଥାଏ ।

**ଅଗ୍ନିଅସ୍ତ୍ର –** ୧୦ ଲିଟର ଗୋମୂତ୍ର ରେ ୧ କି.ଗ୍ରା. ତମାଖୁ ପତ୍ର, ୫୦୦ ଗ୍ରାମ କଞ୍ଚାଲଙ୍କା ଛେଚା, ୧୨୫ ଗ୍ରାମ୍ ରସୁଣ ଛେଚା ଏବଂ ୫ କି.ଗ୍ରା. ନିମ୍ବପତ୍ର ଛେଚା କୁ ମିଶାଇ ଏହାକୁ ୫ ଥର ସିଝାଯାଏ । ଭଲ କରି ସିଝିଯିବା ପରେ ଏହାକୁ ୨୪ ଘଣ୍ଟା ପାଇଁ ପଚିବାକୁ ଛାଡିଦିଆଯାଏ । ଏହାପରେ ଏହାକୁ ଏକ ସୂତା କପଡାରେ ଛାଣି, ୮ ଲିଟର ଅଗ୍ନିଅସ୍ତ୍ରକୁ ୧୦୦ ଲିଟର ପାଣିରେ ମିଶାଇ ଏକ ଏକର ଜମିରେ ପ୍ରୟୋଗ କରାଗଲେ ବିଭିନ୍ନ ପ୍ରକାର ର ପୋକଙ୍କ ଦାଉରୁ ରକ୍ଷା ମିଳିଥାଏ ।

**ସପ୍ତଧାନ୍ୟାଙ୍କୁର –** ଏହା ସାତଟି ଫସଲର ମଞ୍ଜିର ଗଜାରୁ ତିଆରି ହେଉଥିବାରୁ ଏହାର ନାମ ସପ୍ତଧାନ୍ୟାଙ୍କୁର ରଖାଯାଇଛି । ଏଥିପାଇଁ ରାଶି, ମୁଗ, ବିରି, ଝୁଡଙ୍ଗ ମଞ୍ଜି, ଗହମ, ମସୁର ମଞ୍ଜି (ଗୋଟା), ଦେଶି କଳା ଚଣା ମଞ୍ଜି ପ୍ରତ୍ୟକରୁ ୧୦୦ ଗ୍ରାମ୍ କୁ ୨୪ ରୁ ୩୦ ଘଣ୍ଟା ପାଣିରେ ଭିଜାଯାଏ । ଏହାପରେ ସବୁ ମଞ୍ଜି ଗୁଡିକୁ ଗଜା ହେବା ପାଇଁ ଛାଡିଦିଆଯାଏ । ସବୁମଞ୍ଜି ଭଲଭାବେ ଗଜା ହେଲା ପରେ ସେଗୁଡିକୁ ବାଟି ଏକ ଅଠାଳିଆ ଦ୍ରବଣ ପ୍ରସ୍ତୁତ କରାଯାଏ । ମଞ୍ଜି ଗୁଡିକ ଭିଜାଯାଇଥିବା ପାଣିକୁ ନ ଫୋପାଡି ତିଆରି ହୋଇଥିବା ଅଠାଳିଆ ଦ୍ରବଣ ସହ ମିଶାଇ ୧୦ ଲିଟର ଗୋମୂତ୍ର ରେ ମିଶାଇଯାଇଥାଏ । ଭଲଭାବେ ମିଶାଯାଇଥିବା ଦ୍ରବଣ କୁ ୨୦୦ ଲିଟର ପାଣିରେ ମିଶାଇ ସପ୍ତଧାନ୍ୟାଙ୍କୁର ପ୍ରସ୍ତୁତ କରାଯାଇଥାଏ । ଏହାକୁ କପଡା ସାହାଯ୍ୟରେ ଛାଣି ଫସଲରେ ଏକ ଏକର ଜମିରେ ପ୍ରୟୋଗ କରାଯାଇଥାଏ ।

**ଖଟା ଦହିପାଣି –** ୩ ଲିଟର ୫ ରୁ ୬ ଦିନ ପୁରୁଣା ଖଟା ଦହିକୁ ୧୦୦ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ଗଛରେ ସିଞ୍ଚନ କଲେ ବହୁତ ପ୍ରକାର କବକ ବା ଫିମ୍ପି ଜାତୀୟ ରୋଗ ଦାଉରୁ ରକ୍ଷାମିଳିଥାଏ ।

**ସୁଣ୍ଠାସ୍ତ୍ର –** ୨୦୦ ଗ୍ରାମ ସୁଣ୍ଠି କୁ ଗୁଣ୍ଡ କରି ୨ ଲିଟର ପାଣିରେ ମିଶାଇ, ଅନ୍ତିମ ଦ୍ରବଣର ପରିମାଣ ୧ ଲିଟର ହେବା ପର୍ଯ୍ୟନ୍ତ ସିଝାଯିବ । ଅନ୍ୟ ପକ୍ଷରେ ୫ ଲିଟର ଗୋଦୁଗ୍ଧ କୁ ସିଝାଇ ଥଣ୍ଡା କରି ରଖାଯିବ । ଏହି ଦୁଇ ଦ୍ରବଣ କୁ ୨୦୦ ଲିଟର ପାଣିରେ ମିଶାଇ ଏକ ଏକର ଜମିରେ ସିଞ୍ଚନ କଲେ ପତ୍ରଦାଗ, ମହିଷା ଓ ଅନ୍ୟାନ୍ୟ ରୋଗ ଦାଉରୁ ରକ୍ଷା ମିଳି ପାରିବ ।

**ହାଣ୍ଡିଖତ**

**ଆବଶ୍ୟକ ସାମଗ୍ରୀ** – ୧୦ଲିଟର ପାଣି ଧରିବା ଭଳି ଗୋଟିଏ ମାଟି ହାଣ୍ଡି ବା ମାଠିଆ, ସଜ ଗୋବର ୧ କି.ଗ୍ରା.

ଗାଇମୂତ୍ର – ୫ ଲିଟର

ଦେଶୀ ଗୁଡ – ୫୦ ଗ୍ରାମ୍

**ପ୍ରସ୍ତୁତ ପ୍ରଣାଳୀ –** ନିମ୍ବ, କରଞ୍ଜ ପତ୍ରକୁ ଛିଡାଇବେ କିମ୍ବା ଛେଚି ଦେବେ । ହାଣ୍ଡିରେ ଗୋବର, ଗୋମୂତ୍ର ଓ ଗୁଡକୁ ଓ ପତ୍ର ସବୁ ପକାଇ ଭଲ ଭାବରେ ମିଶାଇବେ । ହାଣ୍ଡି ମୁହିଁକୁ ବାନ୍ଧି ଛାଇ ଜାଗାରେ ରଖିବେ ।

**ହଦରିଖତ –**

ଏହା ଏକ ଜୈବିକ ସାର, ସବୁ ଫସଲରେ ତଥା ଫଳ ଗଛ ପାଇଁ ଅତି ଦରକାରୀ ଖତ ।

**ପ୍ରସ୍ତୁତି ପ୍ରଣାଳୀ –**

- ଗୁହାଳ ସଫା କଲାବେଳେ ଗୁହାଳରୁ ବାହାରୁଥିବା ଅଳ୍ପ ମୂତ୍ରମିଶା ମାଟିକୁ ହଦରି କହନ୍ତି ।
- ଏକ ଏକର ପାଇଁ ପ୍ରାୟ ୧୫–୨୦ କି.ଗ୍ରା. ହଦରି ସହିତ ସମାନ ପରିମାଣର ଉଇହୁଙ୍କା ମାଟି ମିଶାଇ ଦିଅନ୍ତୁ ।
- ଏହାକୁ ଜମିରେ ବତର ବା ପାଣି ଥିଲେ ବ୍ୟବହାର କରନ୍ତୁ ।
- ପରିବା ଫସଲରେ ଗଛକୁ ଛାଡି ଟିକିଏ ଦୂରରେ ହୁଡାରେ ଦିଅନ୍ତୁ ।
- ଫଳ ଗଛରେ ଗଛ ଚାରିପଟେ ଦୂରରେ ଖାଲ ଖୋଳି ସେଥିରେ ଦିଅନ୍ତୁ ।
- ଧାନ ଫସଲରେ ଜମିରେ ପାଣି ଥିଲେ ଅଳ୍ପ ଅଳ୍ପ ଛିଞ୍ଚି ଦିଅନ୍ତୁ ।
- ଜମିରେ ୨ ଥର ପ୍ରତି ୨୦/୨୫ ଦିନ ଅନ୍ତରରେ ପ୍ରୟୋଗ କଲେ କୌଣସି ସାରର ଆବଶ୍ୟକତା ପଡିବ ନାହିଁ ।

**ମ୍ୟାଜିକ୍ ଖତ–୧**

**ଆବଶ୍ୟକୀୟ ଉପାଦାନ –**

ରୋଷେଇ ଘରର ବର୍ଜ୍ୟବସ୍ତୁ

- ପନିପରିବା ଚୋପା
- ଅଣ୍ଡା ଖୋଳ
- ମାଛ କାତି
- ଗଛ ପତି
- ଦହି – ୫୦ ଗ୍ରାମ୍
- ବଗିଚା ଘାସ ସହିତ ମାଟି
- ମାଟି ହାଣ୍ଡି – ୨ଟା
- ପଲିଥିନ୍ – ୧ ମିଟର
- ରସି – ୧ଟି

**ପ୍ରସ୍ତୁତି ପ୍ରଣାଳୀ –** ଏହି ବର୍ଜ୍ୟବସ୍ତୁ ସବୁକୁ ୨ଟି ମାଟି ହାଣ୍ଡିରେ ୧୫ ରୁ ୩୦ ଦିନ ଭଲ ଭାବରେ ମିଶାଇ ହାଣ୍ଡି ମୁହଁକୁ ପଲିଥିନ୍ ରେ ବାନ୍ଧି ମାସେ ପର୍ଯ୍ୟନ୍ତ ରଖନ୍ତୁ ।

**ବ୍ୟବହାର –** ଉପରୋକ୍ତ ମିଶ୍ରଣକୁ ଛାଣି ବିଭିନ୍ନ ଫସଲରେ ୫ –୧୦ ଭାଗ ପାଣି ସହ ୧ ଭାଗ ମ୍ୟାଜିକ୍ କମ୍ପୋଷ୍ଟ ମିଶାଇ ସିଞ୍ଚନ କରନ୍ତୁ । ଉପକାର ମିଳିବ ।

**ମ୍ୟାଜିକ୍ ଖତ –୨**

**ଆବଶ୍ୟକ ସାମଗ୍ରୀ –**

ଗାଇ ଗୋବର – ୧ କି.ଗ୍ରା.

ଗାଈ ମୂତ୍ର – ୨ ଲିଟର

ଗୁଡ କିମ୍ବା ଦହି – ୫୦ ଗ୍ରାମ

ପିତା ସ୍ୱାଦ ଥିବା ପତ୍ର – ୩ ପ୍ରକାରର

ରସୁଣ – ୫୦ଗ୍ରାମ

ହଳଦୀ ଗୁଣ୍ଡ – ୫୦ଗ୍ରାମ

ମାଟି ହାଣ୍ଡି – ୧ଟି

ପଲିଥିନ୍ ଜରି –

**ପ୍ରସ୍ତୁତି ପ୍ରଣାଳୀ –** ଉପରୋକ୍ତ ସାମଗ୍ରୀ ସବୁ ହାଣ୍ଡି ଭିତରେ ରଖି ତାକୁ ୨୦ ଦିନ ରୁ ୧ ମାସ ପର୍ଯ୍ୟନ୍ତ ଭଲ ଭାବରେ ସଢାନ୍ତୁ ।

୧ ମାସ ପରେ ଏହାକୁ ଭଲ ଭାବରେ ଛାଣି ଗୋଟିଏ ପ୍ଲାଷ୍ଟିକ୍ ବୋତଲରେ ରଖନ୍ତୁ । ଏହି ବୋତଲରେ ୧ ଚାମଚ କ୍ଷୀର ସହ ଏକ ଚାମଚ ହଳଦୀ ପାଉଡର ମିଶାଇ ଏହାର ଠିପିକୁ ବନ୍ଦ କରନ୍ତୁ ଏବଂ ଏହାକୁ ୩–୪ ସପ୍ତାହ ପର୍ଯ୍ୟନ୍ତ ରଖନ୍ତୁ । ତା ପରେ ଏହାକୁ ଭଲ ରୂପେ ମିଶାଇ ୧ ଭାଗ ପ୍ରସ୍ତୁତ ମ୍ୟାଜିକ୍ କମ୍ପୋଷ୍ଟକୁ ୫ ରୁ ୧୦ ଭାଗ ପାଣି ମିଶାଇ ସିଞ୍ଚନ କରିପାରିବେ । ଏହାକୁ ଗଛର ବୃଦ୍ଧି ପାଇଁ ଏବଂ ରୋଗ ପୋକ ନିୟନ୍ତ୍ରଣ କରିବା ପାଇଁ ବ୍ୟବହାର କରାଯାଇପାରିବ । ୬ ମାସ ଭିତରେ ଏହି ମ୍ୟାଜିକ୍ କମ୍ପୋଷ୍ଟ ପ୍ରୟୋଗ କରିବା ଉଚିତ୍ ।

ପ୍ରାକୃତିକ କୃଷି ବର୍ତ୍ତମାନ ଦେଶରେ ନୂତନ ଆଶା ଓ ଶକ୍ତିର ସଞ୍ଚାର କରିଛି । ଏହା ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି । ଏକ ସୁସ୍ଥ ଓ ହିତକର ପରିବେଶ ପାଇଁ ପ୍ରାକୃତିକ କୃଷି ଏକ ବିକଳ୍ପ ହୋଇ ଉଭା ହୋଇଛି । ଏକ ଦୀର୍ଘମିଆଦୀ ନିରନ୍ତର ଅଭିବୃଦ୍ଧି ପାଇଁ ଦେଶରେ ପ୍ରାକୃତିକ କୃଷିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ଚାଷୀଭାଇ ମାନେ ପ୍ରାକୃତିକ କୃଷିକୁ ଆପଣେଇ ନେଲେ, ଆମ୍ଭେମାନେ ଏକ ସୁପରିବେଷ୍ଟିତ ଜଳବାୟୁରେ ଏକ ସୁସ୍ଥ ସମାଜ ଗଠନର ଲକ୍ଷ୍ୟ କୁ ହାସଲ କରିପାରିବା ।

* * * * *





















# KRISHI VIGYAN KENDRA, KENDRAPARA